# ବୈଜ୍ଞାନିକ ନାଗଭୂଷଣ



ଆମେରିକାରେ ଖ୍ୟାତନାମା ବୈଜ୍ଞାନିକ ତଥା ଯନ୍ତ୍ରୀ ଭାବେ ପରିଚିତ ନାଗଭୂଷଣ ସେନାପତିଙ୍କୁ ଓଡ଼ିଶାରେ ବିଶେଷ ଲୋକ ଜାଣନ୍ତି ନାହିଁ। ଗତ ବର୍ଷ ନଭେମ୍ବର ୨୪ ତାରିଖରେ ଇହଲୋକ ତ୍ୟାଗ କରିଥିବା ନାଗଭୂଷଣ ବିଚକ୍ଷଣ ପ୍ରତିଭାର ଅଧିକାରୀ ହୋଇଥିଲେ ହେଁ ସ୍ୱଭାବରେ ଥିଲେ ଅତ୍ୟନ୍ତ ବିନମ୍ର। ନିଜସ୍ୱ ମେଧା ଓ ଅନ୍ତର୍ଦୃଷ୍ଟି ବଳରେ ସେ ଅନେକ ଜଟିଳ ଯାନ୍ତ୍ରିକ ସମସ୍ୟାର ବେଶ୍ ସରଳ ଓ ସହଜ ସମାଧାନ କରିଦେଇ ପାରୁଥିଲେ। 'ଅଲ୍ଟ୍ରାସୋନିକ୍ ମାଇକ୍ରୋୱେଭ୍' ଜ୍ଞାନକୌଶଳର ପ୍ରୟୋଗ କ୍ଷେତ୍ରରେ ସେ ଥିଲେ ଜଣେ ମାନ୍ୟତାପ୍ରାପ୍ତ ବିଶେଷଜ୍ଞ। ଖାଲି

ବନ୍ଧୁମାନଙ୍କର ନିୟମିତ ମିଳନ ସ୍ଥଳୀ ଥିଲା ନାଗଭୂଷଣଙ୍କ ଘର।
ମେକାନିକାଲ ଇଞ୍ଜିନିୟରିଂ ବିଭାଗରେ ଜଣେ ରିସର୍ଚ୍ଚ ଆସୋସିଏଟ୍ ଭାବେ କାର୍ଯ୍ୟ କରୁଥିଲେ ମଧ୍ୟ ସେ ଜଟିଳ କିଡ୍‌ନି ଓ ଲିଭର ରୋଗର ନିଦାନରେ ଅଲ୍ଟ୍ରାସୋନିକ୍ ଜ୍ଞାନକୌଶଳର କିପରି ପ୍ରୟୋଗ କରାଯାଇପାରିବ ସେ ବାବଦରେ ମଧ୍ୟ ଉଚ୍ଚତର ଶିକ୍ଷା ଗ୍ରହଣ କରୁଥିଲେ। ଖାଲି ଏତିକି ନୁହେଁ ସେ ସ୍ନାତକ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କୁ ପଢ଼ାଇବା ସହ ଥେସିସ୍ ପ୍ରସ୍ତୁତି ପାଇଁ ସେମାନଙ୍କୁ ମାର୍ଗଦର୍ଶନ ଦେଉଥିଲେ। ସେହି ସମୟରେ ଅଲ୍ଟ୍ରାସୋନିକ୍ ଜ୍ଞାନକୌଶଳର ପ୍ରୟୋଗ ବିମାନ ଚଳାଚଳ, ସ୍ଥାପତ୍ୟ ଓ ଗ୍ୟାସ୍

ଏତିକି ନୁହେଁ; ଏ କ୍ଷେତ୍ରରେ ମଧ୍ୟ ସେ ନିଜସ୍ୱ ଉଦ୍ଭାବନ କରିବାରେ ସଫଳ ହୋଇଥିଲେ। ତାଙ୍କର ଅନେକ ଉଦ୍ଭାବନ 'ପେଟେଣ୍ଟ୍' ମାନ୍ୟତା ପାଇଥିଲା। ଭାରତ ଏବଂ ଯୁକ୍ତରାଷ୍ଟ୍ର ଆମେରିକାରେ ଶିକ୍ଷା ଗ୍ରହଣ କରିଥିବା ନାଗଭୂଷଣ ଶିକ୍ଷା ସମାପ୍ତି ପରେ ଏମ୍ଆଇଟି ଏବଂ ବାଟେଲ୍ ରିସର୍ଚ୍ଚ ପ୍ରତିଷ୍ଠାନରେ ନିଜର କର୍ମମୟ ଜୀବନ ଆରମ୍ଭ କରିଥିଲେ ମଧ୍ୟ ଅନେକଗୁଡ଼ିଏ ବିଦେଶୀ କମ୍ପାନି ପାଇଁ ସେ ପରାମର୍ଶଦାତା ଭାବେ କାର୍ଯ୍ୟ କରୁଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୬୭ ବର୍ଷ ବୟସ ହୋଇଥିଲା।

ନାଗଭୂଷଣଙ୍କର ଜନ୍ମ ଓଡ଼ିଶାର ଏକ ସମ୍ଭ୍ରାନ୍ତ ପରିବାରରେ ହୋଇଥିଲା। ନାଗଭୂଷଣଙ୍କର ବାପା ଥିଲେ ତତ୍କାଳୀନ ସ୍କୁଲ୍ ଇନିସ୍‌ପେକ୍ଟର୍ ରାମସ୍ୱାମୀ ସେନାପତି ଓ ମାଆ ମାଣିକ୍ୟ ସେନାପତି। ରାମସ୍ୱାମୀ ଓ ମାଣିକ୍ୟଙ୍କର ସାତ ପିଲାଙ୍କ ଭିତରେ ନାଗଭୂଷଣ ଥିଲେ ସବୁଠୁ ବଡ଼। ନାଗଭୂଷଣଙ୍କର ପତ୍ନୀଙ୍କର ନାଁ ରାଜକୁମାରୀ। ସଂଗୀତା ଓ ସୁନୀତା ନାମରେ ନାଗଭୂଷଣଙ୍କର ଦୁଇ ଝିଅ। ଉଭୟେ ଡ଼ାକ୍ତର ଓ ଆମେରିକାରେ ରହୁଛନ୍ତି।

ଭବାନୀପାଟଣାରେ ପ୍ରାଥମିକ ଶିକ୍ଷା ସମାପ୍ତ ପରେ ୧୯୫୩ ମସିହାରେ ରେଭେନ୍‌ସା କଲେଜିଏଟ୍ ସ୍କୁଲ୍‌ରେ ନାମ ଲେଖାଇଥିଲେ ସେ। ସ୍କୁଲ୍‌ରେ ପାଠ ପଢ଼ିଲା ବେଳେ ମଧ୍ୟ ବିଜ୍ଞାନ ବିଷୟବସ୍ତୁ ଉପରେ ବହୁ ପରୀକ୍ଷା ନିରୀକ୍ଷା କରୁଥିଲେ। ଯେଉଁଥିପାଇଁ ସେ ଗଠନ କରିଥିଲେ ସାଇନ୍‌ସ୍ କ୍ଲବ୍। ଏଇଥିଲାଗି ସ୍କୁଲ୍‌ରେ ତାଙ୍କର ନାଁ ଥିଲା 'ଏକ୍ସପେରିମେଣ୍ଟ୍ ଷ୍ଟୁଡେଣ୍ଟ୍'। ୧୯୬୨ରେ ଆଇଆଇଟି ଖଡ଼ଗପୁରରେ ମେକାନିକାଲ୍ ଇଞ୍ଜିନିୟରିଂ ବିଭାଗର ଛାତ୍ର ଭାବେ ପ୍ରବେଶ କରିଥିବା ନାଗଭୂଷଣ ୧୯୬୭ରେ ସମସ୍ତ ଆଇଆଇଟିରେ ସର୍ବାଧିକ ନମ୍ବର ରଖିଥିବା ସ୍ନାତକ ଭାବରେ ରାଷ୍ଟ୍ରପତି ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲେ। ସ୍ୱଦେଶ ମୋହ ଯୋଗୁଁ ସେ ଦୁର୍ଗାପୁରରେ ସେଣ୍ଟ୍ରାଲ୍ ମେକାନିକାଲ୍ ଇଞ୍ଜିନିୟରିଂ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍‌ରେ ଯୋଗ ଦେଲେ। କିନ୍ତୁ ସେଠାରେ ଦୁଇ ବର୍ଷ କାମ କରିବା ପରେ ଭାରତରେ ଗବେଷଣା ପାଇଁ ଆବଶ୍ୟକ ସୁବିଧା ସୁଯୋଗ ନ ପାଇ ନାଗଭୂଷଣ ୧୯୬୯ରେ ଟାଟା ଫେଲୋସିପ୍‌ରେ ପଢ଼ିବାକୁ ଗଲେ ଆମେରିକାର ଏମ୍ଆଇଟିକୁ। ଏମ୍ଆଇଟିରେ ଥିବା ବେଳେ ସେ ଯୁବ ଭାରତୀୟ ପ୍ରଫେସର୍ ପଦ୍ମାକର ଲେଲେଙ୍କ ସଂସ୍ପର୍ଶରେ ଆସିଥିଲେ। ଡ. ଲେଲେ ସେତେବେଳେ ଶିଳ୍ପ ସଂସ୍ଥାରେ ଅଲ୍ଟ୍ରାସୋନିକ୍ ଜ୍ଞାନକୌଶଳ ପ୍ରୟୋଗ ପାଇଁ ଏକ ଗବେଷଣାଗାର ସ୍ଥାପନ କରୁଥିଲେ। ଡ. ଲେଲେ ଜଣେ ଡାକ୍ତର ଥିଲେ। ତେଣୁ ନାଗଭୂଷଣ ଚିକିତ୍ସାରେ ଅଲ୍ଟ୍ରାସୋନିକ୍‌ର ପ୍ରୟୋଗ ପାଇଁ ଆଗ୍ରହୀ ହେଲେ।

ନାଗଭୂଷଣ ତାଙ୍କର ମାର୍ଜିତ ଓ ଉଦାର ବ୍ୟକ୍ତିତ୍ୱ ପାଇଁ ବନ୍ଧୁ ମହଲରେ ବେଶ୍ ପରିଚିତ ଥିଲେ। ୧୯୭୪ ମସିହାରେ ଡିଗ୍ରି ହାସଲ କଲାପରେ ସେ ବିବାହ କରିଥିଲେ। ବିବାହ ପରେ ସସ୍ତ୍ରୀକ ସମରଭିଲେରେ ରହୁଥିଲେ। ନାଗଭୂଷଣ ନିଜେ ଥିଲେ ଖାଦ୍ୟ

ଲାଇନ ପ୍ରଭୃତି କ୍ଷେତ୍ରରେ ପ୍ରୟୋଗ କରି ଅନେକ ଜଟିଳ ସମସ୍ୟାର ସମାଧାନ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ୧୯୭୭ ମସିହାରେ ନାଗଭୂଷଣ କଲମ୍ବସ୍‌ର ଓହିଓ ଠାରେ ଥିବା ବାଟଲି ମେମୋରିଆଲ୍ ପ୍ରତିଷ୍ଠାନରେ ଯୋଗ ଦେଇଥିଲେ।

ବାଟଲି ପ୍ରତିଷ୍ଠାନରେ ଚାକିରି କାଳରେ ସେଠାକାର ଗବେଷଣା ପରିବେଶ ଅଲ୍ଟ୍ରାସୋନିକ୍ ଜ୍ଞାନକୌଶଳର ପ୍ରୟୋଗ କ୍ଷେତ୍ରରେ ଅଧିକତର ଗବେଷଣା କରିବାକୁ ନାଗଭୂଷଣଙ୍କ ପାଇଁ ବିଶେଷ ସହାୟକ ହୋଇଥିଲା। କିଛି ବଛାବଛା ମେଧାସମ୍ପନ୍ନ ଯନ୍ତ୍ରୀଙ୍କୁ ନେଇ ସେ ଏକ ଟିମ୍ ଗଠନ କଲେ। ସେହି ଟିମ୍‌ର ନେତୃତ୍ୱ ନେଇ ନାଗଭୂଷଣ ଶିଳ୍ପ କ୍ଷେତ୍ରରେ ରହିଥିବା ଅନେକ ଜଟିଳ ସମସ୍ୟାକୁ ପଲିମର୍, ପ୍ଲାଷ୍ଟିକ୍, ରବର ଓ ମେଟାଲ୍ ପ୍ରୟୋଗ ମାଧ୍ୟମରେ କିପରି ସହଜ ଓ ସରଳ ସମାଧାନ କରାଯାଇ ପାରିବ, ତା'ର ସୂତ୍ର ଉଦ୍ଭାବନ କରିବାକୁ ଅଣ୍ଟାଭିଡ଼ି ଲାଗିପଡ଼ିଲେ। ନାଗଭୂଷଣଙ୍କ କାର୍ଯ୍ୟ ବିମାନ ନିର୍ମାଣ, ମରାମତି ଠାରୁ ଆରମ୍ଭ କରି ଆହୁରି ଅନେକ କ୍ଷେତ୍ର ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା। ସେ କେବଳ ମାତ୍ର ତାଙ୍କ ସମୟର ନୁହେଁ; ବରଂ ଭବିଷ୍ୟତର ଯନ୍ତ୍ରୀମାନଙ୍କ ପାଇଁ ମାର୍ଗଦର୍ଶକ ହୋଇପାରିଥିଲେ। ସେ ତାଙ୍କର କାର୍ଯ୍ୟ ପାଇଁ ଯନ୍ତ୍ରୀ ମହଲରେ ବେଶ୍ ଆଦରଣୀୟ ଥିଲେ।

୧୯୯୬ ମସିହାରେ ନାଗଭୂଷଣ ସ୍ୱାଧୀନ ଭାବେ ଜଣେ ପରାମର୍ଶଦାତା ରୂପେ କାର୍ଯ୍ୟ କରିବା ପାଇଁ ଆରମ୍ଭ କଲେ। ୧୯୯୮ରେ ସେ ପୁନର୍ବାର କର୍ପୋରେଟ୍ କ୍ଷେତ୍ରକୁ ପ୍ରତ୍ୟାବର୍ତ୍ତନ କରି ଏଡିସନ୍ ୱେଲ୍‌ଡିଂ ପ୍ରତିଷ୍ଠାନରେ ଚାକିରି କରିଥିଲେ। ପରେ ଏକ କମ୍ପାନି ପାଇଁ ପରାମର୍ଶଦାତା ରୂପେ କାର୍ଯ୍ୟ କରିଥିଲେ। ଏହି ସମୟ କାଳରେ ସେ ସାମଗ୍ରୀ ଉତ୍ପାଦନ କ୍ଷେତ୍ରରେ ଅନେକ ଗୁଡ଼ିଏ ନୂଆ ନୂଆ ଉଦ୍ଭାବନ କରିବାରେ ସଫଳ ହୋଇଥିଲେ। ଦୀର୍ଘ ୩୨ ବର୍ଷ କାଳ ଧରି ନିଜ କର୍ମମୟ ଜୀବନକୁ ବେଶ୍ ସଫଳତାର ସହ ବିତାଇବା ପରେ ୨୦୦୬ରେ ନାଗଭୂଷଣ ତାଙ୍କର ଚାକିରି ଜୀବନରୁ ଅବସର ଗ୍ରହଣ କରିଥିଲେ। ଚାକିରିରୁ ଅବସର ପରେ ବି, ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଅଲ୍ଟ୍ରାସୋନିକ୍ ଜ୍ଞାନକୌଶଳର କିପରି ସଫଳ ପ୍ରୟୋଗ କରାଯାଇ ପାରିବ ସେ ଦିଗରେ ସେ ଅଧିକତର ଗବେଷଣା ଚଳାଇଥିଲେ। ନାଗଭୂଷଣଙ୍କର ୩୫ଟି ଉଦ୍ଭାବନ ପେଟେଣ୍ଟ୍ ଲାଭ କରିଥିବା ବେଳେ ସେ ଚାରିଟି ଅତ୍ୟନ୍ତ ଉପାଦେୟ ପୁସ୍ତକ ରଚନା କରିଛନ୍ତି। ଖାଲି ଏତିକି ନୁହେଁ, ସେ ଆନ୍ତର୍ଜାତିକ ଇଲେକ୍ଟ୍ରୋମେକାନିକାଲ୍ କମିସନ୍‌ରେ ଆମେରିକାର ପ୍ରତିନିଧି ରୂପେ କାର୍ଯ୍ୟ କରିବା ସହ ଆମେରିକାର ଅଲ୍ଟ୍ରାସୋନିକ୍ ଶିଳ୍ପ ସଂଘର ଜାତୀୟ ପରିଷଦକୁ ଉପ-ସଭାପତି ଭାବେ ମଧ୍ୟ ନିର୍ବାଚିତ ହୋଇଥିଲେ।

ନାଗଭୂଷଣ ବେଶ୍ ବନ୍ଧୁ ବତ୍ସଳ ଥିବା ସହ ଲୋକମାନଙ୍କୁ ଖୁବ୍ ଭଲ ପାଉଥିଲେ। ସମସ୍ତ ପ୍ରକାରର ସାମାଜିକ କାର୍ଯ୍ୟରେ ସେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ଆମେରିକାରେ ଓଡ଼ିଶା ସୋସାଇଟି ଗଠନ